# aurAkashvani, Sambalpur

## SAMBALPURI NEWS BULLETIN

### 19 August 2025 - 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ଡାକ୍ତର୍ ନିଯୁକ୍ତି I&PR

ରାଏଜେ ଖୋବ୍ ଜଲ୍ଦି ୧ ହଜାର ୮ ଶହ ୪୦ ଡାକ୍ତର ଆଉ ୫ ହଜାରନୁ ଅଏଡ୍କା ପାରା ମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ । ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ରାଜ୍ୟର୍ ସ୍ୱାସ୍ଥ୍ୟ ବିଭାଗର୍ ସମୀକ୍ଷା କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ମେଡିକାଲ୍ କଲେଜ୍ମାନଙ୍କୁ ପ୍ରଫେସର ପଦ୍ବୀ ଜଲ୍ଦି ପୂରଣ୍ କର୍ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଆଦିବାସୀ ଇଲାକାମାନ୍କେ ଅଏଡ୍କାନୁ ଅଏଡ୍କା ଡାକ୍ତର ନିଯୁକ୍ତି ଦିଆଯିବା । ବେଶୀ ଦୁର୍ଘଟଣା ହେଉଥିବା ଜାଗା ମାନ୍କେ ସମନ୍ୱିତ ଚିକିତ୍ସା ଟ୍ରମା କେନ୍ଦ୍ର ଥାପ୍ନା କରାଯିବାର୍ ଉପ୍ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ ।

ବୈଠକ୍ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଆଉ ଅଲ୍ଗା ସଚିବ ମାନେ ଯୋଗ୍ ଦେଇଥିଲେ ।

ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ ତରଫୁ ଗଲାକାଏଲ୍ ଅନ୍ତରିଣ ରିପୋର୍ଟ ଦିଆଯାଇଛେ । ଆୟୋଗ୍‌ର ଅଧ୍ୟକ୍ଷ ଡକ୍ଟର୍ ଅରୁଣ୍ କୁମାର୍ ପଣ୍ଡାଙ୍କର୍ ନେତୃତ୍ୱେଥି ଆୟୋଗ୍‌ର ଅଲ୍‌ଗା ସଦସ୍ୟମାନେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ରିପୋର୍ଟ ଦେବାର୍ ସହେତେ ଭିନ୍ ଭିନ୍ ସୁପାରିଶ୍ ବାବ୍‌ଦେ ଆଲୋଚନା କରିଥିଲେ । ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ୍‌ର ଇ ରିପୋର୍ଟ ଷୋଡ଼ଶ ଅର୍ଥ ଆୟୋଗ୍‌ଙ୍କର୍ ପାଖ୍‌କେ ବିଚାର୍ ଲାଗି ପଠାଯିବା । ହେଲେଭିଲ୍ ଆୟୋଗ୍ ଆଂଚଲିକ୍ ସଂସ୍ଥାମାନ୍‌କର୍ ସମସ୍ୟା ଆଉ ଆହ୍ୱାନ୍ ମାନ୍‌କୁ ଆହୁରି ଗୁହେର୍ ଭାବେ ଅନୁଧ୍ୟାନ୍ କରିକରି ସମୟ ସୀମା ଭିତ୍‌ରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ୍ କର୍‌ବେ ବଲି ଜନାପଡ଼ିଛେ । ତାର୍ ଆଘୋନୁ ଆୟୋଗ୍‌ର ଇ ରିପୋର୍ଟ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ଦିଆଯାଇଥିଲା ।

ବିକଶିତ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା ପୋର୍ଟାଲ

ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ବିକଶିତ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା ପୋର୍ଟାଲ୍‌ର ଗଲାକାଏଲ୍ ଶୁଭାରମ୍ଭ ହେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ

ସ୍ୱାଧୀନତା ଦିବସ୍ ଅବ୍‌ସରେ ଘୋଷ୍‌ନା କରିଥିବା ପିଏମ୍ ବିକଶିତ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା ଲାଗି ହିତାଧିକାରୀମାନେ ଇ ପୋର୍ଟାଲ୍‌ଥି ପଞ୍ଜିକରଣ୍ କରିପାର୍‌ବେ । ସୂଚ୍‌ନା ଅନ୍‌ସାରେ ଯୋଜ୍‌ନାଥି ୧ ଲାଖ୍ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଇତାର୍ ଜରିଏ ସାଢ଼େ ୩ କୋଟିନୁ ଅଏତ୍‌କା ନିଯୁକ୍ତି ସୃଷ୍ଟି କରାଯିବା ।

ଶ୍ରୀମନ୍ଦିର୍- ଶୃଙ୍ଖଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ରଥଯାତ୍ରା ଆଉ ବାହୁଡ଼ା ସହେତେ ପୁରୀ ଶ୍ରୀମନ୍ଦିର୍ ନ ପାଲନ୍ ହେଉଥିବା ଫି’ ଦିନିଆ ନୀତିକାନ୍ତି ଆଉ ଉତ୍ସବ୍‌କେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଆନ୍‌ବେ । ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ଜରୁରୀ ବୈଠକ୍ ବସ୍‌ବା । ବୈଠକ୍‌ଥି ପୁଲିସ୍ ମହାନିର୍ଦ୍ଦେଶକ୍, ଶ୍ରୀଜଗନ୍ନାଥ୍ ମନ୍ଦିର ମୁଖ୍ୟ ପ୍ରଶାସକ ଆଉ ଅଲ୍‌ଗା ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ଶ୍ରୀମନ୍ଦିର୍‌ର ଶୃଙ୍ଖଲିତ୍ ନୀତିକାନ୍ତି ଆଉ ଦର୍ଶନ୍ ବ୍ୟବସ୍ଥାକେ ନେଇକରି ଆଲୋଚନା କର୍‌ବେ । ଇ ଅବ୍‌ସରେ ମାର୍ଗଦର୍ଶିକା ଭିଲ୍ ଚୂଡ଼ାନ୍ତ କରାଯିବା ବଲି ଜନାପଡ଼ିଛେ ।

ମହାତ୍ମାଗାନ୍ଧୀ ଓଡ଼ିଶା ଅଗମନ୍-ଶହେ ବଛର୍  ଆର୍‌ଏନ୍‌ୟୁ/ କଟକ୍

ଜାତିର ପିତା ମହାତ୍ମାଗାନ୍ଧୀଙ୍କର୍ ୨ ନମ୍ବର୍ ଥର୍ ଓଡ଼ିଶା ଆଏବାର୍‌କେ ଆଏଜ୍ ଶହେ ବଛର୍ ପୁରୁଛେ । ଇ ଅବ୍‌ସରେ ଆଏଜ୍ ରାଏଜେ ମହାତ୍ମାଗାନ୍ଧୀଙ୍କର୍ ଓଡ଼ିଶା ଆଗମନ୍‌ର ଶତବାର୍ଷିକୀ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ୧୯୨୫ ମସିହା ଆଝିରର୍ ଦିନେ ମହାତ୍ମାଗାନ୍ଧୀ କଟକ୍ ନ ଥିବା ଏସିଆର୍ ସବୁନୁ ବଡ଼ କୁଷ୍ଠାଶ୍ରମକେ ଆସିକରି ଅନ୍ତେବାସୀଙ୍କର୍ ସେବା କର୍‌ବାର୍ ସହେତେ ସ୍ୱାଧୀନତା ସଂଗ୍ରାମ୍‌ଥି ସାମିଲ୍ ହେବାର୍‌କେ ଲୁକ୍‌କୁ ବାର୍ତା ଦେବାର୍ ଲାଗି ପଦଯାତ୍ରା କରିଥିଲେ । ଇ ଅବ୍‌ସରେ କଟକ୍ କୁଷ୍ଠାଶ୍ରମ୍ ଠାନେ ହେବାର୍‌କେ ଥିବା ସ୍ମାରକୀ ଶତବାର୍ଷିକୀ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍‌ଙ୍କର୍ ସହେତେ ମନ୍ତ୍ରୀ ଆଉ ସାଂସଦ୍‌ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବିଶ୍ୱ ଫଟୋଗ୍ରାଫି ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଫଟୋଗ୍ରାଫି ଦିବସ୍ । ୧୮୩୯ ମସିହା ଜାନୁଆରୀ ମାସ ୯ ତାରିଖ୍ ଦିନ ପୁର୍‌ଥି ନ  ପହେଲାକରି ଫଟୋଗ୍ରାଫି ମୁଲ୍ ହେଇଥିଲା ।

ଫ୍ରାନ୍ସ ବୈଜ୍ଞାନିକ ଯୋଶେଫ୍ ଆର୍ ଲୁଇସ୍ ଫଟୋଗ୍ରାଫି ଆରମ୍ଭ୍ କରିଥିଲେ । ହେଲେ ଫ୍ରାନ୍ସ ସର୍କାର୍ ଇ ବିଷେଥି ୧୮୩୯ ମସିହା ଅଗଷ୍ଟ ମାସ ୧୯ ତାରିଖ୍‌ଥି ଘୋଷ୍‌ନା କରିଥିବାର୍‌ନୁ ଆଝିର୍ ଦିନ୍‌କେ ବିଶ୍ୱ ଫଟୋଗ୍ରାଫି ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୧୦ ମସିହାନୁ ଫଟୋଗ୍ରାଫିର ଲୋକପ୍ରିୟତା ବଢ଼ିଛେ । ବିଶ୍ୱ ଫଟୋଗ୍ରାଫି ଦିବସ୍‌ଥି ସବୁ ରକ୍‌ମର୍ ଫଟୋଗ୍ରାଫିକେ ତହଁକାଯାଏସି । ମାତରକ ଫି' ବଛର୍ ଗୁଟେ ଗୁଟେ ଅଲ୍‌ଗା ବିଷୟ ବସ୍ତୁ ଉପ୍‌ରେ ଧ୍ୟାନ୍ ଦିଆଯାଏସି । ଇ ବଛ୍‌ରର୍ ବିଶ୍ୱ ଫଟୋଗ୍ରାଫି ଦିବସ୍‌ର ବିଷୟବସ୍ତୁ 'ମୋର୍ ମନ୍‌ପସନ୍ଦ୍ ଫଟୋ' ରଖାଯାଇଛେ ।

ଓଡ଼ିଶା ରାଜ୍ୟ ଚକ୍ଷୁ ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ଭୀମ୍‌ସାର୍ ନ ଭାରତୀୟ ଚକ୍ଷୁ ରୋଗ ସଂସ୍ଥା- ଓସିଓଆଇଏନ୍ ତର୍‌ଫୁ ୨ ଦିନିଆ ଓଡ଼ିଶା ରାଜ୍ୟ ଚକ୍ଷୁ ସମ୍ମିଲନୀ ହେଇଯାଇଛେ । ଭୀମ୍‌ସାର୍ ପ୍ରଫେସର୍ ଡାକ୍ତର୍ ଜୟଶ୍ରୀ ଦୋରାଙ୍କର୍ ତତ୍ୱାବଧାନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍ ଅବ୍‌ସରେ ଗୌଡ଼ପାଲି ସହରାଂଚଲ୍ ପ୍ରାଥମିକ କେନ୍ଦ୍ର ନ ଗୁଟେ ସ୍ୱାସ୍ଥ୍ୟ ଶିବିର ହେଇଥିଲା । ଇତାର୍‌ସହେତେ ଡାକ୍ତରୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଅତ୍ୟାଧୁନିକ୍ ଚିକିତ୍ସା ଉପକରଣ୍ ବାବଦ୍ ଗୁଟେ ପ୍ରୟୋଗ୍‌ଶାଳା ଭିଲ୍ ହେଇଥିଲା । ଇ ଅବ୍‌ସରେ ରାଜ୍ୟ ଆଉ

ରାଜ୍ୟ ବାହାରୁ ଆସିଥିବା ଡାକ୍ତର୍‌ମାନେ ଚକ୍ଷୁ ରୋଗ୍ ବାବ୍‌ଦେ ବୁଝେଇଥିଲେ ।

ଜିଏମ୍‌ୟୁ-ପ୍ରାକୃତିକ ବିପର୍ଯ୍ୟୟ ସଚେତନତା/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଠାନେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ଜାତୀୟ ସେବା ଯୋଜ୍‌ନା ତର୍‌ଫୁ ପରିସର୍ ନ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଚେତନତା ଶିବିର ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କୁ ବ୍ୟବହାରିକ ଅଭ୍ୟାସ୍ ଜରିଏ ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନିକାଣ୍ଡ ଆଉ ସାଁପ୍ ଚବା ବାଗିର୍ ବିପର୍ଯ୍ୟୟ ସମିଆଥି କେନ୍ ହିସାବେ ସାମ୍ନା କରାଯିବା ସେ ବାବ୍‌ଦେ ତାଲିମ୍ ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ବନିଥିବା ଲଘୁଚାପ୍ କ୍ଷେତ୍ର ଘନୀଭୂତ ହେଇକରି ଅବପାତଥି ବଦ୍‌ଲିଛେ । ଆଏଜ୍ ସଞ୍ଜ୍‌ବେଲ୍‌ତକ୍ ଅବପାତ୍ କ୍ଷେତ୍ର ଗୋପାଲ୍‌ପୁର୍ ପାଖେ ସ୍ଥଲ୍‌ଭାଗ୍‌କେ ପୁହୁଁଚିବା । ଇତାର୍‌ବଲେ ଦକ୍ଷିଣ୍ ଓଡ଼ିଶା ନ ଜବର୍ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା

ଭିତ୍‌ରେ କଲାହାଣ୍ଡି, ନୂଆପଡ଼ା, ବଲାଙ୍ଗିର୍‌ ସହେତେ ରାଜ୍ୟର୍‌ ୭ ଟା ଜିଲ୍ଲାକେ ଅତି ଜବର୍‌ ବର୍ଷା ନେଇକରି ପାଣିପାଗ୍‌ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।